# Akashvani, Sambalpur

## SAMBALPURI NEWS BULLETIN

### 30 March 2024- 6.47- 6.52 am.

*******************************************

ଭାରତ୍ ରତ୍ନ ପୁରସ୍କାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ରାଷ୍ଟ୍ରପତି ଭବନ୍ ନ ଗୁଟେ ସ୍ୱତନ୍ତ୍ର ସମାରୋହଥି ଭାରତ୍ ରତ୍ନ ପୁରସ୍କାର୍ ଦେବେ । ଆଘର୍ ପ୍ରଧାନ୍‌ମନ୍ତ୍ରୀ ଚୌଧୁରୀ ଚରଣ୍ ସିଂ ଆଉ ପି.ଭି. ନରସିହ୍ମା ରାଓ, ବିହାର୍‌ର ଆଘର୍ ମୁଖ୍ୟମନ୍ତ୍ରୀ କର୍ପୁରି ଠାକୁର୍ ଆର୍ ବିଶିଷ୍ଟ କୃଷି ବିଜ୍ଞାନୀ ଏମ୍.ଏସ୍.ସ୍ୱାମୀନାଥନଙ୍କୁ ମରଣୋତର ଭାବେ ଭାରତ୍ ରତ୍ନ ପୁରସ୍କାର୍ ଦିଆଯିବା । ସେନ୍ତା ଆଘର୍ ଉପପ୍ରଧାନ୍‌ମନ୍ତ୍ରୀ ଲାଲ୍‌କୃଷ୍ଣ ଆଡ଼ଭାନୀଙ୍କୁ ଭିଲ୍ ଇ ସର୍ବୋଚ୍ଚ ବେସାମରିକ ସମ୍ମାନ୍ ଭାରତ୍ ରତ୍ନ ଦିଆଯିବା ।

ବେଙ୍କ୍ ଖୁଲା ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶେ ଆଏଜ୍ ଆର୍ ଆଏବାକାଏଲ୍ ବେଙ୍କ୍, ବୀମା କମ୍ପାନୀ, ଆୟକର ବିଭାଗ୍ ଆଉ ଭାରତୀୟ ରିଜର୍ଭ ବେଙ୍କ୍ର କାର୍ଯ୍ୟାଲୟମାନ୍ ଖୁଲାରହେବା । ଆର୍ଥିକ୍ ବଛର୍ ଶେଷ୍ ହେଉଥିବାର୍ନୁ ଟିକସ୍ ଆଉ ଅଲ୍‌ଗା ଜରୁରୀ ଆର୍ଥିକ୍ କାମ୍ କର୍‌ବାର୍ ଲାଗି ଇ କାର୍ଯ୍ୟାଲୟମାନ୍ ଖୁଲା ରହେବାର୍‌କେ ସର୍‌କାର୍ ନିଷ୍ପତି ନେଇଛନ୍ ।

ଅବକାରୀ ବିଭାଗ                ଆର୍‌ଏନ୍‌ୟୁ /  ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ରାଏଜର୍ ଗାଁ ଇଲାକାନ ନ ଠିପି ଖୋଲା ମଦ୍ ଦୁକାନ୍ ଖୁଲ୍‌ବାର୍ ଲାଗି ନୂଆଁ ଲାଇସେନ୍ସ ନାଇଁ ଦିଆଯାଏ ବଲି ଅବକାରୀ ବିଭାଗ୍ ନେଇଥିବାର୍ ନିଷ୍ପତିକେ କାଏମ୍ ରଖିଛନ୍ । ଇ ବାବ୍‌ଦେ ଆଗତ୍ ହେଇଥିବା ମାମ୍‌ଲାର୍ ଶୁଣାଣି କରିକରି ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଆର୍ ଏମ୍.ଏସ୍. ରମଣଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ସର୍‌କାର୍‌ଙ୍କର୍ ନିଷ୍ପତି ଉପରେ ହସ୍ତକ୍ଷେପ୍ କର୍‌ବାର୍‌କେ ମନା କରି ଦେଇଛନ୍ ।

ଓଡ଼ିଶା ହାଇକୋର୍ଟ - ଭୋଟ୍          ଆର୍‌ଏନ୍‌ୟୁ /  ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ୍ ସହେତେ ଶହେ ୫୩ଟା ବାର୍ ଆସୋସିଏସନ୍‌ର ଭିନ୍ ଭିନ୍ ପଦ୍ ଲାଗି ଆଏଜ୍ ଭୋଟ୍ ହେବା । ଇଥି ୪୦ ହଜାର୍‌ନୁ ଅଏତ୍‌କା ଓକିଲ୍ ଭୋଟ୍ ଦେବେ । ନିୟମ୍ ଅନ୍‌ସାରେ ଝନେ ଓକିଲ୍ ଖାଲି ଗୁଟେ ବାର୍ ଲାଗି ଭୋଟ୍ ଦେଇପାର୍‌ବେ ।

ଓଡ଼ିଶା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଦର୍ଶ ଆଚରଣ ବିଧି ପାଲନ୍ ସଙ୍ଗେ ଓଡ଼ିଶା ଦିବସ୍ ପାଲନ୍ କର୍‌ବାର୍ ଲାଗି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ଙ୍କର୍ ଅଧ୍ୟକ୍ଷତାଥି ଆଭାସୀ ଜରିଏ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଆଉ ଉପଖଣ୍ଡ ସ୍ତର୍ ନ ମର୍ଯ୍ୟାଦାର୍ ସହେତେ ଓଡ଼ିଶା ଦିବସ୍‌କେ ପାଲନ୍ କର୍‌ବାର୍‌କେ ଶ୍ରୀ ସିଂ ନିର୍ଦ୍ଦେଶ୍ ଦେଇଥିଲେ । ଓଡ଼ିଶା ଦିବସ୍ ପାଲନ୍ ଅବ୍‌ସରେ ଜିଲ୍ଲାମାନ୍‌କେ ଥିବା ବରପୁତ୍ରମାନ୍‌କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ ଆଉ ପ୍ରଭାତ୍‌ଫେରି କରାଯିବା । ଜିଲ୍ଲାପାଲ୍‌ଙ୍କର୍ ସହେତେ ଜିଲ୍ଲାର୍ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଆଉ ବୁଦ୍ଧିଜୀବୀମାନ୍‌କୁ ସାମିଲ୍ କରିକରି ଓଡ଼ିଶା ଦିବସ୍

ପାଲନ୍‌ର ତାତ୍ପର୍ଯ୍ୟ ଆର୍ ବରପୁତ୍ରମାନ୍‌କର୍ ଅବଦାନ୍ ବାବ୍‌ଦେ ସାଧାରଣ ସଭା ଆୟୋଜନ୍ କରାଯିବା ।

ଜନଶୁଣାଣି ପୋର୍ଟାଲ୍‌ଥି ଶୁଣାଣି ଆର୍‌ଏନ୍‌ୟୁ / ସମ୍ବଲପୁର

ସାଧାରଣ ନିର୍ବାଚନ୍ ଶେଷ୍ ହେବାର୍‌ତକ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ଫି ସୋମ୍‌ବାର୍ ସାଧାରଣ ଅଭିଯୋଗ୍ ଶୁଣାଣି ନାଇଁ କରିପାରନ୍ ବଲି ନିଆଯାଇଥିବାର୍ ନିଷ୍ପତିକେ ବଦ୍‌ଲାଯାଇଛେ । ଏତ୍‌କେ ଜନଶୁଣାଣି ପୋର୍ଟାଲ୍ ଜରିଏ ଯେନ୍ ଅଭିଯୋଗ୍ ମାନ୍ ଆସ୍‌ବା ସେସବୁ ବିଭାଗ୍‌କେ ଅଧିକୃତ କର୍ତ୍ତୃପକ୍ଷ ତୁର୍‌ତି ଫଏସଲା କର୍‌ବାର୍ ଦିଗେ ପଦକ୍ଷେପ୍ ନେବେ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସୁରେନ୍ଦ୍ର କୁମାର୍ ସବୁ ବିଭାଗ୍‌ର ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍, ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକମାନ୍‌କୁ ଜନେଇଛନ୍ । ରାଏଜେ ଆଦର୍ଶ ଆଚରଣ ବିଧି ଲାଗୁ ହେଇଥିବାର୍‌ନୁ ଜନଶୁଣାଣି ପୋର୍ଟାଲ୍ ଜରିଏ ଯେନ୍ ସବୁ ଅଭିଯୋଗ୍ ସର୍‌କାର୍‌ଙ୍କୁ ମିଲ୍‌ବା ତାର୍ ଶୁଣାଣି କରାଯିବା ।

କେନ୍ଦ୍ରୀୟ ବିଦ୍ୟାଲୟ- ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ବିଦ୍ୟାଲୟର୍ ବାଲ୍‌ବାଟିକା- ୧, ବାଲ୍‌ବାଟିକା-୨ ଆଉ ବାଲ୍‌ବାଟିକା-୩ ଥି ନାଁ ଲେଖା ଲାଗି କେନ୍ଦ୍ରୀୟ ବିଦ୍ୟାଲୟ ସଂଗଠନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ଇଥିର୍‌ଲାଗି ଆଏବା ମାସର୍ ୧ ତାରିଖ୍‌ନୁ ପଞ୍ଜିକରଣ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଲୟ-୧, ଭବାନୀପାଟ୍‌ନା, ବଲାଙ୍ଗିର୍ କେନ୍ଦ୍ରୀୟ ବିଦ୍ୟାଲୟ- ୨, ବଙ୍ଗୋମୁଣ୍ଡା ଆର୍ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଲୟ ନ ଥିବା ବାଲ୍‌ବାଟିକା ମାନ୍‌କେ ନାଁଲେଖା ହେବା ।

ଇ- କଂଟେଂଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍- ସିବିଏସ୍‌ଇ ଢାଂଚାଥି ସିଏଚ୍‌ଏସ୍‌ଇ ଯୁକ୍ତ ଦୁଇ ପାଠ୍ୟକ୍ରମ୍‌ର ଇ- କଂଟେଂଟ୍ କର୍‌ବାର୍‌କେ ଯୋଜ୍‌ନା କରିଛେ । ୧୧ ଆଉ ୧୨ ଶ୍ରେଣୀର୍ ସିଲାବସ୍‌କେ ଭିଲ୍ ଡିଜିଟାଇଜ୍ କରାଯିବା । ୱେବ୍‌ସାଇଟ୍‌ଥି ସିବିଏସ୍‌ଇ ତର୍ଫୁ ସିଲାବସ୍ ଆଉ ପାଠ୍ୟକ୍ରମ୍ ଯେନ୍ତା ମିଲୁଛେ ସେନ୍ତା ଛାତ୍ରଛାତ୍ରୀମାନ୍‌କର୍ ସୁବିଧାର୍ ଲାଗି ସିଏଚ୍‌ଏସ୍‌ଇ ଭିଲ୍ ଇ

ପଦକ୍ଷେପ ନେବା । ଇଥିର୍‌ଲାଗି ସିଏଚ୍‌ଏସ୍‌ଇ ତର୍‌ଫୁ ପ୍ରସ୍ତୁତି ଜୋର୍‌ଦାର୍ ଚାଲିଛେ ।

ପୁରୀ-କୋଣାର୍କ ରେଲ୍‌ଲାଇନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ-କୋଣାର୍କ ୩୨ କିଲୋମିଟର୍ ରେଲ୍‌ଲାଇନ୍‌ର କାମ୍ ବହୁତ୍ ଜଲ୍‌ଦି ମୁଲ୍ ହେବା । ଇ ଭିତ୍‌ରେ ତର୍‌ପୋଡ଼ା, ଭିଙ୍ଗୁରାଢ଼ିଅ ଆର୍ କୋଣାର୍କ ରହିଛେ ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଳିଛେ । ପୁରୀ-କୋଣାର୍କ ରେଲ୍‌ଲାଇନ୍ ଲାଗି ରେଲ୍‌ବାଇ ବୋର୍ଡ଼୍ ତର୍‌ଫୁ ସର୍ଭେ ସରିକରି ଡିପିଆର୍ ପ୍ରସ୍ତୁତ୍ ହେଉଛେ ।

ଆନ୍ତର୍ଜାତୀୟ ଥିଏଟର୍ ଫେଷ୍ଟିଭାଲ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ପହେଲା ଆନ୍ତର୍ଜାତୀୟ ଥିଏଟର୍ ଫେଷ୍ଟିଭାଲ୍ ଗଲାକାଏଲ୍ ନୁ ମୁଲ୍ ହେଇଛେ । ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ପ୍ରଦର୍ଶନ କଳା ବିଭାଗ୍ ଆଉ ସମ୍ବଲପୁର୍‌ର 'ସ୍ୱର' ଅନୁଷ୍ଠାନ୍ ମିଶିକରି ଆୟୋଜନ୍ କରିଥିବା ଇ ମହୋତ୍ସବ୍‌କେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ କୁଳପତି

ପ୍ରଫେସର୍ ବିଧୁଭୂଷଣ ମିଶ୍ର ଉଦ୍‌ଘାଟନ୍ କରିଥିଲେ । ମହୋତ୍ସବ୍‌ର ପହେଲା ଦିନେ ବଙ୍ଗଲାଦେଶର ନାଟକ୍ 'ପ୍ରୋମିଲା ଆଖାନ୍' ପ୍ରଦର୍ଶିତ୍ ହେଇଥିଲା ।

ଗହମ୍ ମହଜୁଦ୍ ଥିତି ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ସବୁ ରାଜ୍ୟ କେନ୍ଦ୍ର ଶାସିତ୍ ଅଂଚଲ୍‌ର ବ୍ୟବସାୟୀ, ହୋଲ୍‌ସେଲର, ରିଟେଲର, ବିଗ୍ ଚେନ୍ ରିଟେଲର୍ ଆର୍ ପ୍ରୋସେସର୍ ମାନ୍‌କୁ ଗହମ୍ ମହଜୁଦ୍‌ର ଥିତି ବାବ୍‌ଦେ ଘୋଷ୍‌ନା କର୍‌ବାର୍‌କେ ବାଧ୍ୟତାମୂଲକ୍ କରିଛନ୍ । ସାମଗ୍ରିକ ଖାଦ୍ୟ ନିରାପତାର ପରିଚାଲନା କର୍‌ବାର୍ ଲାଗି ମହଜୁଦ୍‌କାରୀ ଆଉ ଅସାଧୁ ମୂଲ୍ୟବୃଦ୍ଧିକେ ରୋକ୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ । ଆଏବା ମାସର୍ ୧ ତାରିଖ୍ ଆର୍ ତାର୍ ପରବର୍ତୀ ଆଦେଶ୍‌ତକ୍ ଫିଁ' ଶୁକ୍ରବାର୍ ଦିନ evegoils.nic.in/wheat/login.html ପୋର୍ଟାଲ୍‌ଥି ଗହମ୍‌ର ଷ୍ଟକ୍ ଥିତି ଘୋଷ୍‌ନା କର୍‌ବାର୍‌କେ ହେବା । ପୋର୍ଟାଲ୍‌ଥି ଷ୍ଟକ୍ ନିୟମିତ୍ ଆଉ ସଠିକ୍ ଭାବେ ପ୍ରକାଶିତ୍ ହେଉଛେ କି ନାଇଁ ସେଟା ସୁନିଶ୍ଚିତ୍ କର୍‌ବାର୍‌କେ ସବୁ ବୈଧାନିକ ସଂସ୍ଥା କାମ୍ କର୍‌ବେ । ଇତାର୍‌ଛଡ଼ା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ସବୁ

ବର୍ଗର୍ ସଂସ୍ଥା ବାଗିର୍ ଗହମ୍ ଷ୍ଟକ୍ ସମୟସୀମା ଆଏବାକାଏଲ୍ ସରୁଛେ । ଇତାର୍ ଉତ୍ରୁ ସଂସ୍ଥାମାନ୍କୁ ପୋର୍ଟାଲ୍ଥି ଗହମ୍ ମହଜୁଦ୍ ରଖ୍ବାର୍ ପରିମାଣ୍ ବିଷେ ଜନାବାର୍କେ ପଡ଼୍ବା ବଲି କୁହାଯାଇଛେ ।